بسم الله الرحمن الرحيم

**୨୨ ମାର୍ଚ୍ଚ ୨୦୨୪ ଖୁତ୍‌ବା ଜୁମାର ସାରାଂଶ**
**ସ୍ଥାନ - ମସଜିଦ୍ ମୁବାରକ୍, ଇସ୍‌ଲାମାବାଦ୍ ଟିଲ୍‌ଫୋର୍ଡ୍**

**ହଜରତ ମସିହ୍ ମଉଦ ଅ.ସ.ଙ୍କର ତତ୍ତ୍ୱଜ୍ଞାନ ପୂର୍ଣ୍ଣ ମହତବାଣୀ ଆଲୋକରେ ପବିତ୍ର କୁରଆନର ବୈଶିଷ୍ଟ୍ୟ, ଉଚ୍ଚ ପଦମର୍ଯ୍ୟାଦା ଓ ଶ୍ରେଷ୍ଠତାର ବର୍ଣ୍ଣନା ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୌମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍ ।

**ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନୱର ଅ.ବ ସୁରାଃ ବକରାଃର ଆୟତ ସଂଖ୍ୟା ୧୮୬ର ଆବୃତ୍ତି କଲେ,**

**شَهۡرُ رَمَضَانَ الَّذِیۡۤ اُنۡزِلَ فِیۡهِ الۡقُرۡاٰنُ هُدًی لِّلنَّاسِ وَبَیِّنٰتٍ مِّنَ الۡهُدٰی وَالۡفُرۡقَانِ ۚ فَمَنۡ شَهِدَ مِنۡکُمُ الشَّهۡرَ فَلۡیَصُمۡهُ وَمَنۡ کَانَ مَرِیۡضًا اَوۡ عَلٰی سَفَرٍ فَعِدَّۃٌ مِّنۡ اَیَّامٍ اُخَرَ یُرِیۡدُ اللّٰهُ بِکُمُ الۡیُسۡرَ وَلَا یُرِیۡدُ بِکُمُ الۡعُسۡرَ وَلِتُکۡمِلُوا الۡعِدَّۃَ وَلِتُکَبِّرُوا اللّٰهَ عَلٰی مَا هَدٰىکُمۡ وَلَعَلَّکُمۡ تَشۡکُرُوۡنَ**

ଏହି ପବିତ୍ର ରମଜାନ ମାସର ବୈଶିଷ୍ଟ୍ୟ ବର୍ଣ୍ଣନା କରି କହିଲେ, ଏହି ମାସରେ ପବିତ୍ର କୁରଆନ ଅବତୀର୍ଣ୍ଣ କରାଗଲା ଯାହାକି ସମସ୍ତ ମାନବ ଜାତି ପାଇଁ ଏକ ମହାନ ନିର୍ଦ୍ଦେଶବଳୀ । ଏହି ଦୈବି ଧର୍ମବିଧାନରେ ପ୍ରଭୁ ସକଳ ପ୍ରସଙ୍ଗକୁ ପରିସରଭୁକ୍ତ କରି ନିଜ ଆଡ଼କୁ ଅଗ୍ରସର ହେବାର ସରଳ ମାର୍ଗ ତଥା ଶୈତାନର କୁଟିଳ ପଥରୁ ସତର୍କ କରି ବର୍ତ୍ତମାନ ଓ ଭବିଷ୍ୟତରେ (ମାଡ଼ି ଆସୁଥିବା) ବିପତ୍ତିରୁ ରକ୍ଷା କରିବାର ସମୁଚିତ ପନ୍ଥା (ସୂତ୍ର) ବତାଇ ଦେଲେ । ଅନେକସ୍ୱରବାଦରୁ ବର୍ତ୍ତି ରହି ନିଜ ସୃଷ୍ଟିକର୍ତ୍ତାଙ୍କ ସହିତ ସମ୍ପର୍କକୁ ଘନିଷ୍ଠ କିରବା ତଥା ସତ୍‌ପଥରେ ପ୍ରତିଷ୍ଠିତ ରହିବାର ମାର୍ଗ ଶିଖାଇ ଦେଲେ । ବସ୍ତୁତଃ ସକଳ ପ୍ରସଙ୍ଗ ତାହା ଅତୀତର ହେଉ, ବର୍ତ୍ତମାନ ଅଥବା ଭବିଷ୍ୟତରେ ଘଟିବାକୁ ଥିବା ଘଟଣା (ପ୍ରଭୁ) ନିଜ ଅନ୍ତିମ ଓ ସଂପୂର୍ଣ୍ଣ ଧର୍ମବିଧାନରେ ବର୍ଣ୍ଣନା କରିଦେଇଛନ୍ତି । ପୁନଶ୍ଚ ପବିତ୍ର ରମଜାନ ମାସର ମହତ୍ୱ ଓ ବିଶେଷତା ମଧ୍ୟ ଦର୍ଶାଇ ଦେଇଛନ୍ତି ।

ସୁତରାଂ ଭାଗ୍ୟବାନ ସେହିମାନେ ଯେ ଏହି ମହାନ ଧର୍ମଗ୍ରନ୍ଥକୁ ନିଜର ଲାହେ ଅମଲ (ଦୈନିକ କର୍ତ୍ତବ୍ୟ) ବିବେଚିତ କରି ତଦନୁରୂପ ଅମଲ (କାର୍ଯ୍ୟ) କରନ୍ତି ଏବଂ ନିଜ ଇହ ଓ ପରକାଳକୁ ସଜାଡ଼ି ଦେଇଥାନ୍ତି । ସତ୍ୟନିଷ୍ଠ ହୋଇଯାନ୍ତୁ ତେବେଯାଇ (ତୁମେ) ଅଲ୍ଲାଃତାଲାଙ୍କର ସ୍ନେହ ଆଦର କରିବାର ଦୃଶ୍ୟ ଅବଲୋକନ କରିପାରିବ । ଅତଃ ପବିତ୍ର ରମଜାନ ମାସର ମହତ୍ୱ ଏପରି ଅବିସ୍ମରଣୀୟ କି ଏହି ମାସରେ ଅଲ୍ଲାଃତାଲା ନିଜର ଅନ୍ତିମ ଓ ସଂପୂର୍ଣ୍ଣ ଧର୍ମବିଧାନ ଅବତୀର୍ଣ୍ଣ କଲେ । ଏହି ପୁସ୍ତକରେ ଆମମାନଙ୍କୁ ଉପବାସ କରିବା ଅନିବାର୍ଯ୍ୟ କରିଛନ୍ତି ତଥା ଉପାସନାର ଶୈଳୀ ଶିଖାଇ ଦେଇଛନ୍ତି । ଯେପର୍ଯ୍ୟନ୍ତ ଆମେ ଏହି ସମୁଚିତ ଧର୍ମାଦେଶ ପ୍ରସଙ୍ଗରେ ଅବଗତ ନହେବା, ପୁନଶ୍ଚ ତାହାକୁ ନିଜ ଜୀବନର ଲାହେ ଅମଲ ରୂପେ ଧାର୍ଯ୍ୟ ନକରିବା ସେପର୍ଯ୍ୟନ୍ତ ଆମେ ପବିତ୍ର ରମଜାନ ମାସର ମହତ୍ୱରୁ ଅଜ୍ଞାତ ରହିଥିବା । ଆମେ ଅହେମଦିମାନେ ଅତି ସୌଭାଗ୍ୟଶାଳୀ ଯେ, ଆମକୁ ଏସମସ୍ତ ଗୂଢ଼ତତ୍ତ୍ୱ ପରାକ୍ରମୀ ଅଲ୍ଲାଃ ନିଜ ପ୍ରିୟ ନବୀଙ୍କର ସଚ୍ଚୋଟ ଦାସ ହଜରତ ମସିହ୍ ଓ ମେହଦୀ ମଉଦ ଅ.ସ (ତନ୍ନତନ୍ନ କରି) ବୁଝାଇ ଦେଇଛନ୍ତି । ଏଥି ସକାଶେ ଆମମାନଙ୍କୁ ହଜୁର ଅ.ସ.ଙ୍କର ପୁସ୍ତକ ଓ ତଫସିର୍ (ଆଖ୍ୟାନ) ଅଧ୍ୟୟନ କରିବା ଜରୁରୀ ଯଦ୍ୱାରା ଏହି ମହାନ

ଓ ଶ୍ରେଷ୍ଠ ଧର୍ମଗ୍ରନ୍ଥକୁ ବୁଝିପାରି ଆମେମାନେ ତଦନୁରୂପ ଅମଳ (କାର୍ଯ୍ୟ) କରିପାରିବା ।

ମହାମାନ୍ୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ମସିହ୍ ମଓଦ ଦିବସ ଯେଉଁ ଦିନ ଆମେ ବେଶ ଉତ୍କଣ୍ଠାର ସହିତ ଜଲ୍‌ସା ପାଳନ କରିଥାଉ ଅଥବା ଆୟୋଜନ କରିଥାଉ । ଯେଉଁଥିରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ମୁସ୍ତଫା [ସ.ଅ]ଙ୍କ ଭବ୍ୟ ଭବିଷ୍ୟତ ବାଣୀ ଓ ପରାକ୍ରମୀ ଅଲ୍ଲାଃଙ୍କର ଅଙ୍ଗୀକାର ମୁତାବକ ଯୁଗାବତାର ହଜରତ ମସିହ୍ ମଓଦ [ଅ.ସ]ଙ୍କ ଆଗମନ ପ୍ରସଙ୍ଗରେ ବକ୍ତୃତା ଉପସ୍ଥାପନ କରାଯାଇଥାଏ କିନ୍ତୁ ବିଶ୍ୱାସରେ ଏହି ଆଂଶିକ ଅଭିବୃଦ୍ଧି ଘଟିବା (ଆମ ପାଇଁ) ଯଥେଷ୍ଟ ନୁହେଁ । ବରଂ ହଜରତ ମସିହ୍ ମଓଦ[ଅ.ସ] ଆମମାନଙ୍କୁ ପବିତ୍ର କୁରଆନୀୟ ଶିକ୍ଷା ଆଧାରରେ ଯେଉଁ ବ୍ରହ୍ମଜ୍ଞାନ ରୂପକ ଗୁପ୍ତଧନ ପ୍ରଦାନ କରିଛନ୍ତି, ତାହାକୁ ଅଧ୍ୟୟନ କରିବା, ତଦନୁଯାୟୀ କାର୍ଯ୍ୟ କରିବା ତଥା ତାହାକୁ ସହୃଦୟରେ ନିଜ ଜୀବନର ଅଂଶ ବିଶେଷ କରିନେବା ମଧ୍ୟ ଅତି ଜରୁରୀ । କାରଣ ତାହା ବ୍ୟତିରେକେ ବିଶ୍ୱାସ ପୂର୍ଣ୍ଣତାର ସ୍ତରରେ ଉପନୀତ ହୋଇ ନଥାଏ । ପବିତ୍ର ରମଜାନ ମାସରେ ନିର୍ଜଳ ଉପବାସ କରିବା, ନିୟମିତ ପାଞ୍ଚ ବେଳ ନମାଜ ପାଠ କରିବା ଅଥବା କିଛି ଅତିରିକ୍ତ ନଓ୍ୱାଫିଲ୍ ପାଠ କରିଦେଲେ ରମଜାନର କର୍ତ୍ତବ୍ୟ ସମ୍ପନ୍ନ ହୋଇ ଯାଇ ନଥାଏ । ବରଂ ପବିତ୍ର କୁରଆନର ଆବୃତ୍ତି କରିବା ଏବଂ ସେଥିରେ ଉଲ୍ଲେଖିତ ନିର୍ଦ୍ଦେଶାବଳୀର ସନ୍ଧାନ କରି ତଦନୁରୂପ ଅମଳ କରିବା ମଧ୍ୟ ଅତ୍ୟନ୍ତ ଜରୁରୀ । ଏହି ଭେଦ (ପ୍ରସଙ୍ଗ) ଐଶ୍ୱର୍ଯ୍ୟମୟ ଅଲ୍ଲାଃଙ୍କ ଅଶେଷ ଦୟାବାନ ଓ ସଦା କରୁଣାମୟ ଗୁଣରୁ ଆମମାନଙ୍କୁ ଉପକୃତ କରାଇବାରେ ସହାୟ ହେବ । **ଏଥିପାଇଁ ହଜରତ ମସିହ୍ ମଓଦ [ଅ.ସ]ଙ୍କର ଅପରିମିତ ମହତବାଣୀ ଓ ଆଲେଖ୍ୟଗୁଡ଼ିକୁ ଅଧ୍ୟୟନ କରି ସେଥି ଅନୁଯାୟୀ କାର୍ଯ୍ୟ କଲେ ହିଁ ପ୍ରକୃତରେ (ଆମେମାନେ) ପବିତ୍ର କୁରଆନର ସାରତତ୍ତ୍ୱରୁ ଉପକୃତ ହୋଇପାରିବା ।**

ବିଶେଷ କରି ପବିତ୍ର ରମଜାନ ମାସରେ ପ୍ରତିଦିନ ପ୍ରତ୍ୟେକଙ୍କୁ ଖୁବ କମ୍‌ରେ ଗୋଟିଏ ପାରା ତିଲାଓ୍ୱତ୍ କରିବା ଉଚିତ୍ ଯଦ୍ୱାରା ଉକ୍ତ ମାସ ମଧ୍ୟରେ ପବିତ୍ର କୁରଆନର ଗୋଟିଏ ଥର ଅଧ୍ୟୟନ ସମ୍ପନ୍ନ ହୋଇଯିବ । ଏହି ମାସରେ ହଜରତ ଜିବରାଇଲ୍ ତ ହଜରତ ମୁହମ୍ମଦ ମୁସ୍ତଫା [ସ.ଅ]ଙ୍କ ସହିତ ଅବତୀର୍ଣ୍ଣ ହୋଇ ଯାଇଥିବା (ଐଶୀବାଣୀ) ଭାଗର ଥରେ ପୁନରାବୃତ୍ତି ସମ୍ପୂର୍ଣ୍ଣ କରାଉଥିଲେ । କିନ୍ତୁ ହଜୁର[ସ.ଅ] ଦେହାନ୍ତ ବର୍ଷରେ ଦୁଇଥର ଶେଷ କରିଥିଲେ । ସୁତରାଂ ପ୍ରତ୍ୟେକଙ୍କୁ ପବିତ୍ର କୁରଆନର ଆବୃତ୍ତି କରିବା ପ୍ରତି ବିଶେଷ ଗୁରୁତ୍ୱ ଦେବା ଉଚିତ୍ । ଆୟତ୍ ଶହ୍‌ରୁ ରମଜାନଲ୍ ଲଜି ଉନ୍‌ଜିଲା ଫିହିଲ୍ କୁର୍‌ଆନ ପରିପ୍ରେକ୍ଷୀରେ ହଜରତ ମସିହ୍ ମଓଦ[ଅ.ସ] କୁହନ୍ତି; ଏହା ହିଁ ଏକମାତ୍ର ପଦ ଯେଉଁଥିରୁ ପବିତ୍ର ରମଜାନ ମାସର ବୈଶିଷ୍ଟ୍ୟ ଓ ଶ୍ରେଷ୍ଠତା ଜ୍ଞାତ ହେଉଛି । ସୁଫିସନ୍ଥମାନେ ଲେଖିଛନ୍ତି, ଏହି ମାସ ହୃଦୟକୁ ଉଜ୍ଜ୍ୱଳ ଓ ତେଜୀୟାନ କରିବା ସକାଶେ ଉତ୍କୃଷ୍ଟ ମାସ । କାରଣ ଏହି ମାସରେ ଅତ୍ୟଧିକ ମାତ୍ରାରେ (ପ୍ରଭୁଙ୍କ ସହିତ) ବାର୍ତ୍ତାଳାପ ହୋଇଥାଏ । ଉପାସନା ଦ୍ୱାରା ଅନ୍ତର ଆତ୍ମ ପବିତ୍ର ହେବା ସ୍ଥଳେ ନିର୍ଜଳ ଉପବାସ (ରହିବା) ହୃଦୟକୁ ଉଜ୍ଜ୍ୱଳ କରିଥାଏ । ଆପଣ[ଅ.ସ] ଅଧିକନ୍ତୁ କହିଲେ; ମୁଁ ଶବ୍ଦ କୁରଆନ୍ ଉପରେ ଚିନ୍ତନ କରିବାରୁ ମୋ ଉପରେ ଏହି ରହସ୍ୟ ଉନ୍ମୋଚିତ ହେଲା କି ଉକ୍ତ ଭବ୍ୟ ଶବ୍ଦରେ ଏକ ମହାନ ଭବିଷ୍ୟବାଣୀ ପ୍ରଦାନ କରାଯାଇଛି । ତାହା ଏହିକି ଯେ, କୁର୍‌ଆନ ପାଠ କରିବା ଯୋଗ୍ୟ ପୁସ୍ତକ । ଗୋଟିଏ ଯୁଗରେ ଆହୁରି କାହିଁ କେତେ ପୁସ୍ତକ ପାଠ କରାଯିବ... କିନ୍ତୁ ସେସବୁ ଛାଡ଼ିଦିଅ ଏବଂ ଦିବାରାତ୍ର କେବଳ ପବିତ୍ର କୁରଆନର ଅଧ୍ୟୟନ କର । **ଆମ ଜମାଅତକୁ ଆବଶ୍ୟକ କି ପବିତ୍ର କୁରଆନ ଉତ୍କଣ୍ଠିତ ମନରେ ଚିନ୍ତନ ଓ ମନ୍ଥନ କରିବାରେ ମାତିଯାଅ ।** ହଦିସ୍‌କୁ (କୁରଆନ ପରି) ପ୍ରାଧାନ୍ୟ ଦିଅ ନାହିଁ ।

ସମ୍ପ୍ରତି ଯଦି ପବିତ୍ର କୁରଆନର ଅସ୍ତ୍ରକୁ (ନିଜ) ହସ୍ତରେ ଥାମିନିଅ ତେବେଯାଇ ତୁମର ବିଜୟ ସୁନିଶ୍ଚିତ । ଏହି ଦିବ୍ୟାଲୋକ ସମ୍ମୁଖରେ କୌଣସି ଅନ୍ଧାର ତିଷ୍ଟି ପାରିବ ନାହିଁ । ଅତଏବ ସେହି ଲୋକମାନେ କୃତକାର୍ଯ୍ୟ ହେବେ ଯେ ପବିତ୍ର କୁରଆନର ଅନୁକରଣ କରିବେ । ତାହାକୁ ବାଦ ଦେଇ ସିଦ୍ଧି ଲାଭ ହେବା ଅସମ୍ଭବ । ସାହାବାଙ୍କ ନମୁନା ନିଜ ସମ୍ମୁଖରେ ରଖ, ଦେଖ ଯେତେବେଳେ ସେମାନେ ନବୀଶ୍ରେଷ୍ଠଙ୍କର ଆନୁଗତ୍ୟ ସ୍ୱୀକାର କରିନେଲେ ସେତେବେଳେ ଧର୍ମକୁ ସଂସାର ଉପରେ ପ୍ରାଧାନ୍ୟ ଦେବା ଅନିବାର୍ଯ୍ୟ କରିଦେଲେ । ବସ୍ତୁତଃ ପ୍ରଭୁ ସେସମସ୍ତ ପ୍ରତିଶ୍ରୁତି ପୂରଣ କରିଦେଲେ ଯାହାକି ସେ ତାଙ୍କ ସହ କରିଥିଲେ । ଆପଣ[ଅ.ସ] କହିଲେ; ଯେପର୍ଯ୍ୟନ୍ତ ମୁସଲମାନମାନେ ପବିତ୍ର କୁରଆନ ପ୍ରତି

ଧ୍ୟାନ କେନ୍ଦ୍ରିତ କରିନାହାନ୍ତି ସେପର୍ଯ୍ୟନ୍ତ ସେମାନଙ୍କ ମଧ୍ୟରେ ସେହି ବିଶ୍ୱାସ ଉତ୍ପନ୍ନ ହେବ ନାହିଁ । ସେମାନେ ସବଳ ସଶକ୍ତ ହୋଇପାରିବେ ନାହିଁ । ନା ଗୌରବ ଓ ବିକାଶ ପଥରେ ସର୍ବାଗ୍ରେ ପହଞ୍ଚି ପାରିବେ ଯେପରିକି ପ୍ରାରମ୍ଭରେ (ମୁସଲମାନଙ୍କୁ) ପ୍ରାପ୍ତ ହୋଇଥିଲା । ସୁତରାଂ ବିଶ୍ୱାସ ଓ କର୍ମକ୍ଷେତ୍ରରେ ଉନ୍ନତି ମଧ୍ୟ ସଂସାରିମାନଙ୍କ ଅନୁସରଣ କଲେ (କଦାପି) ତାହା ଲାଭ ହେବ ନାହିଁ । **ବରଂ ପବିତ୍ର କୁରଆନର ଅନୁସରଣ କଲେ ହିଁ ଲାଭ ହେବ ।**

ହଜରତ ମସିହ୍ ମଉଦ[ଅ.ସ] କୁହନ୍ତି; ଯେଉଁବ୍ୟକ୍ତି ସ୍ୱଚ୍ଛ ହୃଦୟର ସହିତ ଅଲ୍ଲାଃତାଲାଙ୍କ ଉପରେ ବିଶ୍ୱାସ ସ୍ଥାପନ କରିବ ଏବଂ ତାଙ୍କ ପବିତ୍ର ଧର୍ମଗ୍ରନ୍ଥ ଅନୁଯାୟୀ କାର୍ଯ୍ୟ କରିବ ତଥା ତାଙ୍କ ପିୟ ଅବତାରଙ୍କ ଆଜ୍ଞାକାରୀ ହେବ ତେବେ ଅଲ୍ଲାଃତାଲା ତାହାକୁ ଅସରନ୍ତି କଲ୍ୟାଣ ମଧ୍ୟରୁ ଭାଗ ଦେବେ । ଆଉ ଏପରି କଲ୍ୟାଣ ପ୍ରଦାନ କରିବେ ଯାହକି ସାଂସାରିକ ପୁରସ୍କାର ଠାରୁ ଅଧିକ ଶ୍ରେୟସ୍କର । ସେଥି ମଧ୍ୟରୁ ଗୋଟିଏ (ମନୁଷ୍ୟ)ର ଅପକର୍ମ ଓ ପାପକୁ ମାର୍ଜନା କରିବା ରହିଛି । ଅନ୍ୟ ଲୋକମାନେ ଏସମସ୍ତ (ବରଦାନ) ସମ୍ପର୍କରେ ସମ୍ପୂର୍ଣ୍ଣ ରୂପେ ଅଜ୍ଞାତ । ଆପଣ[ଅ.ସ] କହିଲେ; ମୋ କଥା ପୂର୍ଣ୍ଣ ମନଧ୍ୟାନ ଦେଇ ଶୁଣ ଏବଂ ତାହାକୁ ନିଜ ହୃଦୟରେ ସ୍ଥାନ ଦିଅ ତଥା ନିଜ ଆଚରଣ ଦ୍ୱାରା ଏହା ପ୍ରମାଣିତ କରିଦିଅ ଯେ, ତୁମେମାନେ ଏସବୁ ଶୁଣିବାରେ ଅନାସକ୍ତ ଭାବ ପ୍ରକାଶ କରି ନାହିଁ । କାରଣ ଏସବୁର ପ୍ରଭାବ (ସର୍ବଦା) ବଳବତର ରହିବ । ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ମାତ୍ର ଏହିଠାରେ ବସି ଖୁତବା ଶୁଣିବା ପର୍ଯ୍ୟନ୍ତ ପ୍ରଭାବିତ ହେବା ଯଥେଷ୍ଟ ନୁହେଁ ବରଂ ଆସନ୍ତାରେ ମଧ୍ୟ ତଦନୁରୂପ ଅମଳ କର । ଆଉ ଅମଳ ଏହିକି ଯେ, ପବିତ୍ର କୁରଆନର ଅଧ୍ୟୟନ କର ଏବଂ ଏହି ରମଜାନ ମାସରୁ ହିଁ ତାହାର ଅଭ୍ୟାସ ଆରମ୍ଭ କରିଦିଅ । ପୁନଶ୍ଚ ତାହାକୁ ନିଜ ଜୀବନର ସ୍ଥାୟୀ ଅଂଶ କରିନିଅ । ସେଥିଅନ୍ତେ ସଦାସର୍ବଦା ପାଇଁ ଉକ୍ତ ଶିକ୍ଷାର (ଆମେ) ଅନୁକରଣକାରୀ ପାଲଟି ଯାଉ ।

ଅହେମଦିମାନଙ୍କ ଉପରେ ଏହି ଆପତ୍ତି କରାଯାଇଥାଏ କି ନଉଜୁବିଲ୍ଲାଃ ଆମେ ପବିତ୍ର କୁରଆନରେ ପରିବର୍ତ୍ତନ କରିଅଛୁ । ହଜରତ ମସିହ୍ ମଉଦ[ଅ.ସ] କୁହନ୍ତି; ପବିତ୍ର କୁରଆନ ଆକାଶିୟ ନିୟମାବଳୀ ଏବଂ ମୋକ୍ଷ ପ୍ରାପ୍ତିର ମୂଳଉତ୍ସ । ଯଦି ସେଥିରେ ଆମେ ପରିବର୍ତ୍ତନ କରୁ ତେବେ ଏହା ଜଘନ୍ୟ ଅପରାଧ ଓ ମହାପାପ ହେବ । ଆଉ ଏପରି ଅବସ୍ଥାରେ ଆମର ୟହୁଦି ଓ ଖ୍ରୀଷ୍ଟଧର୍ମୀଙ୍କ ଉପରେ ଆପତ୍ତି ବାଢ଼ିବା ବଡ଼ ବିଚିତ୍ର କଥା ହେବ କି ସେମାନେ ତାଙ୍କ ଧର୍ମଗ୍ରନ୍ଥକୁ ବଦଳାଇ ଦେଇଛନ୍ତି । ତେବେ ଆମ ଓ ସେମାନଙ୍କ ମଧ୍ୟରେ କି ପାର୍ଥକ୍ୟ ରହିବ । ମୋତେ ତ ଆହୁରି ଆଶ୍ଚର୍ଯ୍ୟ ଓ ଦୁଃଖ ଲାଗୁଛି ଯେ, ସେହି ଖ୍ରୀଷ୍ଟଧର୍ମୀ ଯାହାଙ୍କୁ ଧର୍ମଗ୍ରନ୍ଥ ବାସ୍ତବରେ ପରିବର୍ତ୍ତିତ କିନ୍ତୁ ସେମାନେ ଏହା ପ୍ରମାଣ କରିବା ପାଇଁ ଚେଷ୍ଟା କରୁଛନ୍ତି କି ତାହା ପରିବର୍ତ୍ତନ ହୋଇ ନାହିଁ । ଯେତେବେଳେ କି ଆମ (ମୁସଲମାନମାନେ ପବିତ୍ର କୁରଆନ)କୁ ପରିବର୍ତ୍ତନ କରିବାରେ ପ୍ରୟାସରତ ।

ହଜରତ ମସିହ୍ ମଉଦ[ଅ.ସ] କୁହନ୍ତି; ଭାଗ୍ୟବାନ ସେ ଯେ ପରମେଶ୍ୱରଙ୍କ ସକାଶେ ନିଜ ଅନ୍ତରଆତ୍ମା ସହିତ ସଂଘର୍ଷ କରିଥାଏ । ଆଉ ହତଭାଗା ସେହିମାନେ ଯେ ନିଜ ସ୍ୱାର୍ଥ ପାଇଁ ପରମେଶ୍ୱରଙ୍କ ସହିତ ସଂଘର୍ଷ କରୁଛନ୍ତି ଏବଂ ତାଙ୍କ (ନିୟତି)ରେ ରାଜି ନାହାନ୍ତି । ଯେଉଁ ବ୍ୟକ୍ତି ନିଜ ସ୍ୱାର୍ଥ ପାଇଁ ପରମେଶ୍ୱରଙ୍କ ଆଦେଶର ଅବମାନନା କରନ୍ତି ସେ ଆକାଶରେ କଦାପି ପ୍ରବେଶ କରିପାରିବ ନାହିଁ । ବସ୍ତୁତଃ ତୁମେ ଚେଷ୍ଟା କର କି ପବିତ୍ର କୁରଆନର ଗୋଟିଏ ବିନ୍ଦୁ କି ମାତ୍ରା ମଧ୍ୟ ତୁମ ବିରୁଦ୍ଧରେ ସାକ୍ଷ୍ୟ ନଦେଉ । ନଚେତ୍ ତୁମେ ପ୍ରଭୁଙ୍କ ଧରପକଡ଼ ପରିସରରେ ଆସିଯିବ । କାରଣ ନିମିତ ମାତ୍ର ଅପକର୍ମ ମନୁଷ୍ୟଙ୍କୁ ଧ୍ୱଂସ କରିବା ପାଇଁ ଯଥେଷ୍ଟ । **ସମୟ ଖୁବ୍ କମ୍ ରହିଯାଇଛି ଏବଂ ଅନେକ କାର୍ଯ୍ୟ କରିବା ବାକି ରହିଛି ତେଣୁ ଶୀଘ୍ର ଶୀଘ୍ର ପାଦ ଆଗକୁ ବଢ଼ାଅ କାରଣ ସନ୍ଧ୍ୟା ନିକଟବର୍ତ୍ତୀ ।** ଯାହା ଉପସ୍ଥାପନ କରିବାର ଅଛି ସେଥିପ୍ରତି ନଜର କର । ଏପରି ନହେଉ କି କିଛି (ସତ୍‌କର୍ମରୁ) ବର୍ତ୍ତି ରହିଯିବ ଏବଂ ତାହା (ତୁମକୁ) କ୍ଷତିଗ୍ରସ୍ତ କରିବାର କାରଣ ସାବ୍ୟସ୍ତ ହେବ । ଦେଖ ମହାପ୍ରତାପି ସମ୍ରାଟଙ୍କ ଦରବାରରେ କଦାପି ସବୁଠାରୁ ନିକୃଷ୍ଟ ଓ ନିରର୍ଥକ ସାମଗ୍ରୀ ଉପସ୍ଥାପିତ କରାଯାଇ ନଥାଏ ।

ଅଲ୍ଲାଃତାଲା ଆମମାନଙ୍କୁ ପ୍ରକୃତରେ ପବିତ୍ର କୁରଆନର ସକଳ ଶିକ୍ଷା ବୁଝିବାକୁ ଓ ତଦନୁରୂପ କାର୍ଯ୍ୟକାରୀ କରିବାକୁ ଶକ୍ତି ପ୍ରଦାନ କରନ୍ତୁ । ଆମେ ସର୍ବଦା ପରମେଶ୍ୱରଙ୍କ କୃତଜ୍ଞକାରୀ ମଧ୍ୟରେ ସାମିଲ ରହୁ । ଆମେ କେବଳ

ରମଜାନରେ ନୁହେଁ ବରଂ ସର୍ବଦା ପବିତ୍ର କୁରଆନର ତାଲିମ ମୁତାବକ ନିଜ ଜୀବନ ଅତିବାହିତ କରୁ । ଯେତେବେଳେ ଏହା ହେବ ତେବେଯାଇ ଆମେ କହିପାରିବା କି ଆମେ ହଜରତ ମସିହ୍ ମଉଦ ଅ.ସ‌ଙ୍କ ବୈଅତ୍‌ର କର୍ତ୍ତବ୍ୟ ସମ୍ପାଦନ କରିବାକୁ ପ୍ରୟାସ କରିଛେ । ଅଲ୍ଲାଃତାଲା ଏହି ରମଜାନରେ ଓ ଆସନ୍ତାରେ ମଧ୍ୟ ସର୍ବଦା ପବିତ୍ର କୁରଆନର ତାଲିମରୁ ଉପକୃତ ହେବାକୁ ଶକ୍ତି ପ୍ରଦାନ କରନ୍ତୁ ।

ଫିଲିସ୍ତିନବାସୀଙ୍କୁ ନିଜ ଦୁଆରେ ସ୍ମରଣ ରଖିବେ । ସେଠାରେ ଯୁଦ୍ଧର ଉତ୍କଟ ପରିସ୍ଥିତି ବ୍ୟତୀତ କ୍ଷୁଧା ଓ ବ୍ୟାଧିରେ ନିରୀହ ପିଲା ତଥା ଅମୂଲ୍ୟ ଜୀବନ ନଷ୍ଟ ହେଉଅଛି । ଏବେ ତ ୟୁ.ଏନ୍.ଓ (ମିଳିତ ଜାତିସଂଘ) ମଧ୍ୟ ଏହା କହୁଛି ଯେ, ଏସବୁ ମନୁଷ୍ୟକୃତ ଦୁର୍ଭିକ୍ଷ ଓ ଅନାହାର ମୂଳକ ବିପତ୍ତି । ଯାହାକି ଇସ୍ରାଇଲ ପ୍ରଶାସନର ଅତିଶୟ ଜିଦ୍‌ଖୋର ଓ ବର୍ବର ପଣିଆ ଯୋଗୁଁ ଉତ୍ପନ୍ନ ହେଉଅଛି । ଯଦି ରାସ୍ତା ଖୋଲିଯାଏ ଏବଂ ସାହାଯ୍ୟ ଶୀଘ୍ର ପହଞ୍ଚିଯାଏ ତେବେ ସେଠାରେ  ଏବେ ମଧ୍ୟ ଅବସ୍ଥା ସୁଧୁରି ପାରେ । ଏହିପରି ସୁଡ଼ାନର ଜନସାଧାରଣଙ୍କ ପାଇଁ ମଧ୍ୟ ଦୁଆ କରିବେ କି ଅଲ୍ଲାଃତାଲା ସେମାନଙ୍କ ନେତା ଓ ଶାସକମାନଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ । ସେଠାରେ ମଧ୍ୟ କ୍ଷୁଧା ଓ ବ୍ୟାଧିରେ ଲୋକମାନେ ମୃତ୍ୟୁବରଣ କରୁଛନ୍ତି । ନିଜ ଦେଶବାସୀଙ୍କ ଉପରେ ହିଁ ସେମାନେ ଅନ୍ୟାୟ ଅତ୍ୟାଚାର କରୁଛନ୍ତି । ଏପରି ଘଟିବାର ମୂଖ୍ୟ କାରଣ ସେମାନେ ନିଜ ସ୍ୱାର୍ଥ ଓ କାମନା ପୂରଣ କରିବାରେ ମାତିଛନ୍ତି ଏବଂ ପବିତ୍ର କୁରଆନର ଶିକ୍ଷା ପାସୋରି ବସିଛନ୍ତି । ଆଉ ତାହାକୁ ସ୍ୱୀକାର କରିବାକୁ ପ୍ରସ୍ତୁତ ନାହାନ୍ତି । ଏହିପରି ଅନ୍ୟ କେତେକ ମୁସଲମାନ ରାଷ୍ଟ୍ରମାନଙ୍କ ଅବସ୍ଥା ମଧ୍ୟ ସମାନ ରହିଛି । ଯେଉଁସ୍ଥଳେ ଅତି ଜଟିଳ ପରିସ୍ଥିତିର ଲୋକେ ସମ୍ମୁଖୀନ ହେଉଛନ୍ତି । ପ୍ରଶାସନ ନିଜ ଜନସାଧାରଣ ଉପରେ ଅତ୍ୟାଚାର କରୁଅଛି । ଆଉ ଲୋକମାନେ ପରସ୍ପର ସହିତ ଲଢୁଛନ୍ତି । ଅଲ୍ଲାଃତାଲା ସେମାନଙ୍କ ଉପରେ ଦୟାବତୀର୍ଣ୍ଣ କରନ୍ତୁ । ପାକିସ୍ତାନରେ ଆମର କିଛି ଅହେମଦି କାରାବରଣ ଭୋଗ କରୁଛନ୍ତି । ସେମାନଙ୍କ ପାଇଁ ମଧ୍ୟ ଦୁଆ କରିବେ ସେହିପରି ୟମନ୍‌ର ଅହେମଦିମାନଙ୍କ ପାଇଁ ମଧ୍ୟ ଦୁଆ ଅବ୍ୟାହତ ରଖିବେ । ଏଥିସହିତ ପାକିସ୍ତାନ ଜନତା ଓ ପରିସ୍ଥିତି ସାମାନ୍ୟ ହେବା ପାଇଁ ମଧ୍ୟ ଦୁଆ କରିବେ ଅଲ୍ଲାଃତାଲା ଅହେମଦିମାନଙ୍କୁ ନିଜ ସୁରକ୍ଷା ବଳୟ ମଧ୍ୟରେ ରଖନ୍ତୁ ।

ପରିଶେଷରେ ମହାମାନ୍ୟ ହୁଜୁର ଅନୱର[ଅ.ବ] କେତେକ ମୃତକଙ୍କର ଉତ୍ତମ ଚରିତ୍ର ଚର୍ଚ୍ଚା କଲେ । ପ୍ରଥମ ଶ୍ରୀମାନ ଡ଼ାଃ ଜହିରୁଦ୍ଦିନ୍ ମନସୁର ଅହେମଦ ସାହେବ ଆମେରିକା ନିବାସୀ । ଯେ କି ହଜରତ ମସିହ୍ ମଉଦ[ଅ.ସ] ଓ ପ୍ରଥମ ଖଲିଫାଙ୍କର ଅଣନାତି ତଥା ହଜରତ ମୁସଲେହ୍ ମଉଦ ର.ଅ‌ଙ୍କର ନାତି ଥିଲେ । ଦ୍ୱିତୀୟ ଶ୍ରୀମାନ ହସନ୍ ଆବିଦ୍ଦିନ୍ ଆଗା ସାହେବ କାନାଡ଼ା ନିବାସୀ । ତୃତୀୟ ଶ୍ରୀମାନ ଉସମାନ୍ ହୁସେନ ମୁହମ୍ମଦ ଖୈର ସାହେବ ଯେ କି ସାଉଦି ଆରବ ନିବାସୀ ଥିଲେ । ଚତୁର୍ଥ ଶ୍ରୀମାନ ମୁହମ୍ମଦ ଜହର ଅବି ସାହେବ ଆଲଜେରିଆ ନିବାସୀ । ପଞ୍ଚମ ଶ୍ରୀମାନ ସଇଦ୍ ଅହେମଦ ଓ୍ୱାଇଟ୍ ସାହେବ ରବ୍‌ୱା ନିବାସୀ । ଶେଷରେ ଶ୍ରୀମାନ ଶହବାଜ୍ ଗୋନ୍ଦଲ୍ ସାହେବ ହଲାଣ୍ଡ ନିବାସୀଙ୍କର ଜମାଅତୀୟ ସେବାର ଚର୍ଚ୍ଚା କରି ସେମାନଙ୍କ ଜନାଯାଃ ଗାଏବ ପାଠ କରିବାର ଘୋଷଣା କଲେ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମ୍‌ଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟ୍ୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍ଲା ଇଲାହା ଇଲଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହ ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।